# ଉତ୍କଟ ପ୍ରେମ

ରମଣୀମୋହନ ଥିଲେ ଭାରି ବଡ଼ଲୋକର ଏକମାତ୍ର ଉତ୍ତରାଧିକାରୀ । ବି.ଏ. କ୍ଲାସରେ ଥିଲାବେଳେ ହେଲା ତାଙ୍କ ପିତାଙ୍କର ମୃତ୍ୟୁ । ବିଶାଳ ଜମିଦାରି, ନଗଦା କାରବାର, କଣ୍ଟ୍ରାକ୍ଟରି ଆଦି ବହୁତ କାମ । ଅତଏବ ରମଣୀମୋହନଙ୍କୁ ଅଗତ୍ୟା କଲେଜରୁ ବିଦାୟ ନେବାକୁ ପଡ଼ିଲା ଅକାଳରେ । କିନ୍ତୁ ଏ ବୟସରେ ସେସବୁ କାମରେ ମନ ଲାଗିଲାନାହିଁ ତାହାଙ୍କର ମୋଟେ । ମେନେଜରଙ୍କ ଉପରେ ସବୁ ଭାର ଦେଇ ସେ ଯୌବନଟାକୁ ଷୋଳପଣ ଉପଭୋଗ କରିନେବାକୁ ବାହାରିପଡ଼ିଲେ ।

ବୟସ ଓ ପଇସା ଥିଲେ ନ ମିଳେ କ' ଣ ! ନିତ୍ୟ ନିତ୍ୟ ନୂତନ ଆମୋଦପ୍ରମୋଦରେ ମାତି, ନୂତନତାର ନିଶାଟା ରମଣୀଙ୍କୁ ମାଡ଼ିବସିଲା । କଟକ, କଲିକତା ପ୍ରଭୃତି ପାଖଆଖିଆ ପୁରୁଣା ସହରମାନ ତାଙ୍କ ମଉଜର ଖୋରାକ ଯୋଗାଇବାକୁ ଯେତେବେଳେ ଅକ୍ଷମ ହୋଇପଡ଼ିଲେ, ସେ ସେତେବେଳେ ଦୂର ଦୂର ସ୍ଥାନକୁ ଚାଲିଲେ ମୃଗୟା କରି ।

ରମଣୀମୋହନର ଗୋଟାଏ ଆଦତ୍ ଥିଲା, ସେ ଭିତିରି ମଉଜରେ କାହାରିକୁ ସାଙ୍ଗ କରୁ ନଥିଲା । କୃପଣତା ହେତୁ ହେତୁ ବା ଏକଚରା ଦୋଷରୁ ହେଉ, ଏଇଟା ଥିଲା ତା' ର ପ୍ରକୃତି ।

ଆଜି ପୁରୀ, କାଲି ଓ୍ୟାଲଟିଅର, ଆଜି ଓଟକାମଣ୍ଡ, କାଲି ନଇନିତାଲ, ଆଜି ସିଲୋନ, କାଲି କାଶ୍ମୀର, ଏହିପରି ସଜ ସଜ ଫୁର୍ତ୍ତିରେ ଦିନ କଟିବାକୁ ଲାଗିଲା । ଏକେ ଶିକ୍ଷିତ, ତା' ପରେ ପଇସାବାଲା । ତା' ର ଗୋଟାଏ ଝୁଙ୍କ୍ ଥିଲା ବେଶ ବଦଳାଇବାରେ । ଆଜି ଦେଖୁଛ ଧୋତି ପଞ୍ଜାବି ତ ଆଉ ଘଡ଼ିକେ ପାଇଜାମା ଅଚକନ; ଏଇକ୍ଷଣି ଦେଖୁଛ ତେଲଙ୍ଗା ବେଶରେ ତ ଆଉ ଘଡ଼ିକେ ପୂରା ସାହେବ । କେତେବେଳେ ମାରୁଆଡ଼ି ତ କେତେବେଳେ ମରହଟ୍ଟୀ ଏଇପରି ।

ରମଣୀର ମତ ଯେ, ଏହିପରି ଅଭିଜ୍ଞତା ବହୁତ ହୁଏ । ନାନା ଲୋକ, ନାନା ସମାଜ, ନାନା ପ୍ରକାର ଜୀବନ ସହିତ ମିଶି ନାନା କଥା ଶିଖିବାକୁ ହୁଏ ଏଇଥିରେ । କଥାଟା ଯେ ମିଛ ତା ନୁହେଁ । ଦୁନିଆଦାରି ପାଠରେ ତାଲିମ ହେବାକୁ ଏହାଠାରୁ ସହଜ ଓ ସୁଗମ ଉପାୟ ଆଉ କ' ଣ ଅଛି!

ଥରେ ମଶୋରୀର ପାଳି ପଡ଼ିଲା । ପାହାଡ଼ ଉପରେ ଛୋଟ ଓ ନିଜ ସହର । ରମଣୀମୋହନ ସେଠି ଯାଇ ଏଥରକାର ଖରାଦିନଟା କଟେଇବାକୁ ମନସ୍ଥ କଲେ । ଗୋଟାଏ ହୋଟେଲରେ ବସା

ନିଆହେଲା । କିନ୍ତୁ ମାସେ ଖଣ୍ଡେ ରହି ମଧ୍ୟ ନୂଆ କିଛିର ସନ୍ଧାନ ମିଳିଲାନାହିଁ । ଏକବାଗିଆ ଜୀବନଟା କଟାଇ କଟାଇ କ୍ରମେ ଚିଟା ଲାଗିଲା । ଭାବିଲା, ଏଠୁ ଯିବି ଚାଲି ।

ସେଦିନ ସିନେମାରେ ଶେଷ ଦେଖା ଦେଖି ଆସିବାର ମନ କରି ସେ ଚାଲିଲା ସେଇଆଡ଼େ । ଗେଟ୍ ପାଖରେ ହଠାତ୍ ଦେଖିଲା, ଗୋଟିଏ ଯୁବତୀ; ସୁନ୍ଦରୀ ଅବଶ୍ୟ, ଖୁବ୍ ଗୋରୀ ଓ ଆଧୁନିକା; ଶାଢ଼ି, ବ୍ଲାଉସ୍ ପିନ୍ଧା - ହୁଏତ ୟୁରୋପୀୟ କିମ୍ବା ପାରସୀ । ସେ ଯାହାହେଉ, ଏକାକିନୀ ଯେତେବେଳେ, ବାଣୁଆ ପକ୍ଷରେ ଉପଯୁକ୍ତ ଶିକାର ।

ରୂପସୀ ପ୍ରଥମେ ନୋଟିସଟା ପଢ଼ିଲା । ଆପେ ଆପେ କହିଲା, “ଓଃ, ଭଲ ପ୍ଲେ ଅଛି ।” ସେତେବେଳକୁ ରମଣୀମୋହନ ତା’ ପଛରେ ।

ସେ ଫେରିପଡ଼ିଲାବେଳକୁ ରମଣୀମୋହନ ସସମ୍ଭ୍ରମେ ଅଳ୍ପ ହସି କହିଲା, “ଭଲ ପ୍ଲେ ଏଟା ?” ଯୁବତୀ ମୁଣ୍ଡ ହଲାଇଦେଇ ଚାଲିଗଲା ।

ତା’ ପରେ ରମଣୀ ନିଘା କରି ଦେଖିଲା, ସେ ସ୍ତ୍ରୀ ଯାଇ ଟିକଟ କିଣିଲା ଫାଷ୍ଟକିଲାସର ଓ ଭିତରକୁ ଗଲାପଶି । ପଛେ ପଛେ ରମଣୀ ବି ଖଣ୍ଡେ ଫାଷ୍ଟକିଲାସ କିଣି ସିନେମା ଭିତରକୁ ପଶିଲା । ଯୁବତୀ ଯେଉଁ ଧାଡ଼ିରେ ବସିଥିଲା, ତା’ ରି ପଛ ଧାଡ଼ିରେ ଠିକ୍ ତାହାରି ପଛରେ ବସିପଡ଼ିଲା ରମଣୀମୋହନ ।

ଖେଳ ଆରମ୍ଭ ହେବାକୁ ଡେରି ଅଛି । ସେ ଲଗାଇଲା ସିଗାରେଟ । ଯେତେଦୂର ସମ୍ଭବ ଧୂଆଁଗୁଡ଼ାକ ଛାଡ଼ିଲା ସେ ଯୁବତୀ ଆଡ଼କୁ । ଆଶାଟା ଯେ, ଧୂଆଁଖୋର ହୋଇ ନ ଥିଲେ ସେ ନିଶ୍ଚେ ବୁଲିପଡ଼ି କିଛି କହିବ ବିରକ୍ତ ହୋଇ । ତାହାହେଲେ ସେ ତରବରକି ଉଠି କ୍ଷମାଭିକ୍ଷା କରିବ ଓ ସେହି ସୂତ୍ରରେ ଆଳାପ ଜମେଇନେବ । ଆଉ ଯଦି ସେ ଧୂଆଁଖାଇ ହୋଇଥିବ, ତେବେ ସିଗାରେଟ ଗନ୍ଧ ପାଇ ନିଶ୍ଚେ ତା ପାଟିରୁ ଲାଳ ବହିବ ଏବଂ ସେହି ସୁଯୋଗରେ ସେ ତାକୁ ସିଗାରେଟ ଯାଚି ଆଳାପ ଆରମ୍ଭ କରିବ ।

କିନ୍ତୁ ସିଗାରେଟ୍ ପରେ ସିଗାରେଟ୍ ଭସ୍ମ ହୋଇ ଚାଲିଲା - ସୁନ୍ଦରୀ ସେ ଆଡ଼କୁ ଦୃଷ୍ଟିପାତ କଲା ବି ନାହିଁ । ଅଧୀର ହୋଇ ଥରେ ସେ ଫୁ କରି ଜୋରରେ ପାଟିଏ ଧୂଆଁ ଛାଡ଼ିଦେଲା ତା’ ମୁଣ୍ଡ ପଛରେ । ଏଥର ଯୁବତୀ ରୁମାଲ ବାହାର କରି ମୁହଁରେ ଦେଲା ।

ସୁବିଧା ପାଇ ଏଥର ରମଣୀ ପଛଆଡୁ କହିଉଠିଲା, "Excuse me Please." "କ୍ଷମା କରନ୍ତୁ - ଆପଣଙ୍କର କିଛି ଅସୁବିଧା ହେଲା କି ?"

"ନା ।"

"ତେବେ ଗୋଟିଏ ସିଗାରେଟ୍ ଆପଣଙ୍କୁ ଦେବାର ସମ୍ମାନ ମୁଁ ଆଶା କରିପାରେଁ କି ?"

ଯୁବତୀ ମୁହଁ ଫେରାଇ ଅଳ୍ପ ହସି କହିଲା, "ଧନ୍ୟବାଦ, ମୁଁ ଧୂଆଁ ଖାଏନାହିଁ ।"

ପୁଣି କିଛି କ୍ଷଣ ଗଲା । ଚୁପ୍‌ଚାପ୍ । ଖେଳ ଆରମ୍ଭ ହୋଇନାହିଁ ।

ରମଣୀ କହିଲା, "ଆପଣ ବୋଧହୁଏ ଏକାକିନୀ ଥିବାରୁ ଅସୁବିଧା ହେଉଥିବ । ଅନୁମତି ଦେଲେ ମୁଁ ଆଗ ଧାଡ଼ିକୁ ଯାଇପାରେଁ ।"

"ଆପତ୍ତି ନାହିଁ ।"

ଆଉ ରମଣୀକୁ ପାଏ କିଏ! ଗଡ଼ ଜିତିଲା ପରି ଆଗେଇ ଯାଇ ଯୁବତୀର ପାଖ ଚେୟାରରେ ଲଗାଲଗି ହୋଇ ବସିପଡ଼ିଲା ।

"ମଶୋରୀଟି ବେଶ୍ ଜେଗା"

"ହୁଁ"

"ମୁଁ ମଶୋରୀକୁ ଖୁବ୍ ଲାଇକ୍ କରେଁ"

"ଭଲ କଥା"

"ଏ ସିନେମାଟି ଖୁବ୍ ଛୋଟ"

"ହୁଁ"

"କିନ୍ତୁ ବେଶ୍ ଆରାମଦାୟକ"

"ମନ୍ଦ ନୁହେଁ ।"

ଖେଳ ହେଲା ଆରମ୍ଭ । ହଲ୍ ହୋଇଗଲା ଚଟ୍‌କିନା ଅନ୍ଧାର । ସେହି ଅନ୍ଧାର ଭିତରେ ରମଣୀମୋହନ ଯୁବତୀ ଆଡ଼କୁ ଆସ୍ତେ ଆସ୍ତେ ଘୁଞ୍ଚି ଘୁଞ୍ଚିକା ଯେତେଦୂର ସମ୍ଭବ ଭିଡ଼ିହୋଇ ବସିଲା । ବେଳେ ବେଳେ କୁଣ୍ଠାଇ ହେବା ବା କରେଇ ହେବା ବାହାନାରେ ତା' ର ଏତେ ନିକଟକୁ ମୁଣ୍ଡ ଘେନି ଆସିଲା ଯେ, ସୁନ୍ଦରୀର ମୁଖ ପାଉଡର ଗନ୍ଧ ତା' ନାକରେ ବାଜିଲା । ଯୁବତୀ କିନ୍ତୁ ନିଶ୍ଚଳ ।

ମଝିରେ ମଝିରେ ଯେତେବେଳେ ଖେଳର ଅବସର ହୁଏ, ସେତେବେଳେ ହୋଇଯାଇଥିବା ଦୃଶ୍ୟ ସମ୍ବନ୍ଧରେ ରମଣୀ ଅନର୍ଗଳ ଆଲୋଚନା କରେ । ଯୁବତୀ ଶୁଣେ ଓ ମଝିରେ ମଝିରେ ପଦେଅଧେ କହେ ମଧ୍ୟ ।

ରମଣୀମୋହନର କ୍ରମେ ଉତ୍ସାହ ବଢ଼ିଲା । ଥରେ ସେ କହିଉଠିଲା, "ମୁଁ ଟିିକିଏ ଚା' ଖାଇବି । ମୋର ଅକିଞ୍ଚିତକର ନିମନ୍ତ୍ରଣରେ ଯଦି କିଛି ବାଧା ନ ଥାଏ, ତେବେ ମୁଁ ବଡ଼ ଅନୁଗୃହୀତ ମନେ କରିବି ।"

ଯୁବତୀ ପ୍ରଥମେ ଆପତ୍ତି କଲା । ମାତ୍ର ରମଣୀର ଅନୁନୟବିନୟ ଏଡ଼ି ନ ପାରି ଶେଷରେ ରାଜି ହେଲା । ଦୁହେଁ ବାହାରକୁ ଯାଇ ଷ୍ଟଲରେ ଚା' ଖାଇ ଆସିଲେ । ଭାବଟା ଆହୁରି ଗଲା ଜମି ।

ଖେଳ ସରିଲାବେଳକୁ ଦୋସ୍ତିଟା ପକ୍କା ହୋଇଗଲାଣି । ରମଣୀର ଫୁର୍ତ୍ତି ଦେଖେ କିଏ! ସେ ଯୁବତୀର ହାତ ଧରି ବାହାରକୁ ଘେନିଗଲା । ହାତ ଧରି ରିକ୍ସାରେ ଚଢ଼ାଇ ଦେଇ ରିକ୍ସାବାଲାକୁ କହିଲା, "ସେଭୟ ହୋଟେଲ" । ଏତିକି କହି ଆପେ ସେହି ରିକ୍ସାରେ ଚଢ଼ି ବସିଲା ।

ବାଟରେ ଚାଲିଲା ଖୁସ୍‌ଗପ । ହୋଟେଲରେ ଭଲ ଭଲ ଡିସ୍‌ର ଅର୍ଡ଼ର ଦିଆଗଲା । ଏକ ଟେବୁଲରେ ଦୁହେଁ ଖାଇଲେ । ଦାମିକା କ୍ଲାରେଟ୍ ଦୁହେଁ ପାନ କଲେ । ଉଠିଲାବେଳକୁ ଯୁବତୀ ତା' ର ପର୍ସ ଖୋଲନ୍ତେ ରମଣୀମୋହନ ତା' ର ହାତ ଧରିପକାଇ କହିଲା, "ଏ ଦୀନ ପ୍ରତି ଏତେ ନିଷ୍ଠୁର କାହିଁକି? ଏ ସାମାନ୍ୟ ପଇସା ଦେବାର ସମ୍ମାନ ମୁଁ ଭିକ୍ଷା କରୁଛି ।"

ସୁନ୍ଦରୀ ମୁରୁକି ହସି ଚୁପ୍ ରହିଲା । ରମଣୀମୋହନ ମନିବେଗ୍ ଖୋଲି ହୋଟେଲ୍‌ର ପାଉଣା ଦେଇଦେଲା । ତା' ପରେ ପାଖକୁ ଘୁଞ୍ଚିଆସି କହିଲା, "ଏଇ ସୁନ୍ଦର ହୋଟେଲ୍‌ରେ ଆଜି ରାତିଟା କଟାଇଲେ ମନ୍ଦ ହୁଅନ୍ତା ନାହିଁ ।"

ଯୁବତୀ କହିଲା, "ନା, ମନ୍ଦ ହୁଅନ୍ତା ନାହିଁ ଅବଶ୍ୟ । କିନ୍ତୁ ଦରକାର କ' ଣ? ମୋର ନିଜର ବସା ଅଛି ଓ ସେଠି ମୁଁ ଏକୁଟିଆ ଥାଏଁ । ଆପଣ ସେହିଠି ଆଜି ରାତିଟା -"

ସ୍ୱର୍ଗର ଚାନ୍ଦ ହାତରେ ପଡ଼ିଗଲା ଯିମିତି । ରମଣୀମୋହନ ଯୁବତୀର ହାତ ଧରିପକାଇ ଗଦ୍‌ଗଦ ସ୍ୱରରେ କହିଲା, "ଏ ଦାସ ପ୍ରତି ଦେବୀଙ୍କର ଅପାର ଅନୁଗ୍ରହ ।"

ଯୁବତୀ କହିଲା, "ଏଠାରୁ ଅଳ୍ପ ଦୂର । ଚାଲି ଚାଲି ଗଲେ ବେଶ୍ ଆନନ୍ଦ ହେବ ।"

"ଖୁବ୍, ଖୁବ୍ ।"

ଦୁହେଁ ହାତ ଧରାଧରି ହୋଇ ଚାଲିଲେ । ସ୍ୱର୍ଗଟା ଯେପରି ଆସି ରମଣୀମୋହନର ହାତ ପାହାନ୍ତାରେ ପହଞ୍ଚିଗଲାଣି ।

ଗୋଟିଏ ସୁନ୍ଦର ପକ୍କା ଘର । ଦୁଆର ପାଖରେ ପହଞ୍ଚି ଯୁବତୀ କଡ଼ା ହଲାଇଲା । ଭିତରୁ ଚାକର ଦୁଆର ଖୋଲିଦେଲା । ଯୁବତୀ ରମଣୀମୋହନର ହାତ ଧରି ବୈଠକଖାନାକୁ ନେଇଗଲା । କହିଲା, "ଏଠାରେ ଟିକିଏ ଅପେକ୍ଷା କରନ୍ତୁ - ମୁଁ ଲୁଗାପଟା ବଦଳେଇ ଆସେ ।"

"ଖୁବ୍ ଶୀଘ୍ର କିନ୍ତୁ -"

"ନିଶ୍ଚୟ, ନିଶ୍ଚୟ, ଏଇ ପାଞ୍ଚ ମିନିଟ୍-"

ଏହା କହି ଯୁବତୀ ଦ୍ରୁତପଦରେ ବାହାରିଗଲା । ସେ ଗୋଟିଏ ଗଦିଦିଆ କାଉଚ ଉପରେ ବସି ସବୁ ଦେଖିବାକୁ ଲାଗିଲା । ଘରଟି ହାଲ ଫେସନରେ ସୁନ୍ଦର ଭାବରେ ସଜା ହୋଇଛି । ଟେବୁଲ ଉପରେ ଗୋଟିଏ ପ୍ଲେଟରେ କିଛି ଖାଦ୍ୟ ପଦାର୍ଥ ବି ରହିଛି । ରମଣୀର ଆଉ ତର ସହୁ ନାହିଁ । ପାଞ୍ଚ ମିନିଟ୍, ଦଶ ମିନିଟ୍, ପନ୍ଦର ମିନିଟ୍ - କାହିଁ ସୁନ୍ଦରୀ ଗଲା କୁଆଡ଼େ! ସେ ଅଧୀର ହୋଇପଡ଼ିଲା । ହେଉଁ ହେଉଁ ସେଇ କାଉଚ ଉପରେ ଆଖି ବୁଜି ଶୋଇପଡ଼ିଲା । ଭାବିଲା, ସୁନ୍ଦରୀ ଆସି ଦେଖିବ, ସେ ଶୋଇପଡ଼ିଛି । ବଡ଼ ମଜା ହେବ । ମିଛ ଅଭିମାନ କରି ସେ ତାକୁ-

ହଠାତ୍ କିଏ ତାକୁ ମାଡ଼ିବସିଲା । ଚମକିପଡ଼ି ଚାହିଁଦେଲାବେଳକୁ ଦୁଇଟା ମଜବୁତ୍ ଲୋକ । ଜଣେ ଧରିଲା ଦୁଇ ହାତ, ଆଉ ଜଣେ ଦୁଇ ଗୋଡ଼ । ଅଲଗଛିଆ କରି ଟେକି ତଳେ ପକାଇଦେଲେ । ଆଉ ଜଣେ ଲୋକ ଆସି, ଦେ ଦମାଦମ୍ ! ତା' ପରେ ତିନିହେଁ ମିଶି ହାତ ଗୋଡ଼ ସବୁ ଚଳାଇବାକୁ ଲାଗିଲେ । ଛାନିଆଁରେ ରମଣୀ ଚିତ୍କାର କରିଉଠିଲା । ସେହିଠୁ ଜଣେ ତା'ର ତଣ୍ଟି ଚିପି ଧରିଲା ।

ଏହି ସମୟରେ ଯୁବତୀ ଆସି ପହଞ୍ଚି କହିଲା, "ପ୍ରେମଟା ବଡ଼ ଉତ୍କଟ ହୋଇଗଲା, ନାଇଁ ? ଆଚ୍ଛା, ମଦ ଖାଇବାରେ ତାଙ୍କର ସଉକ ଅଛି । ଏହା କହି ସେ ଗୋଟାଏ ବୋତଲ ଘେନିଆସିଲା । ଗୋଟାଏ ଲୋକ ଜବରକରି ତଣ୍ଟି ଚିପି କହିଲା, "ଆଁ କର ।" ଯୁବତୀ ତା' ପାଟିରେ ଗୁଡ଼ାଏ ତରଳ ପଦାର୍ଥ ଢାଳିଦେଇ କହିଲା, "ଗିଳ" । ନ ଗିଳିବାର ଚାରା ନାହିଁ । ତଣ୍ଟି ଜଳିଗଲା, ଛାତି ପୋଡ଼ି ହୋଇଗଲା । ତା' ପରେ ପୁଣି ଦୁମ୍‌ଦାମ୍ । ଆଉ କ'ଣ ହେଲା ତେଣିକି ତା'ର ଜ୍ଞାନ ନାହିଁ ।

ଯେତେବେଳେ ରମଣୀର ଚେତା ହେଲା, ସେ ଚାହିଁ ଦେଖିଲା, ଭୂଇଁରେ ଶୋଇଛି । ଜାଣିପାରିଲା, ଥାନା ଗାରଦ । ତାକୁ ଉଠି ବସିବାର ଦେଖି ଅଦୂରରେ ବସିଥିବା ପୁଲିସ ଅଫିସର କହିଲେ, "କିହୋ,

ମିଷ୍ଟର, ନିଶା ଛାଡ଼ିଲା ?"- ଏହା କହି ପାଖରେ ବସିଥିବା ଆଉ ଜଣେ ଭଦ୍ରଲୋକଙ୍କୁ ସେ କହିଲେ, "ଏ ଲୋକଟା ମାତାଲ ହୋଇ କାଲି ରାତିରେ ପଶିଥିଲା ମିଷ୍ଟର ପ୍ରେମଜୀଙ୍କ କୋଠିରେ । ସେମାନେ ତାକୁ ଧରି ରାସ୍ତାରେ ଫୋପାଡ଼ି ଦେଇଥିଲେ ।"

ରମଣୀମୋହନ ଅବାକ୍ ।